## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଗିରଫ

ବ୍ରହ୍ମପୁର ଅଫିସ,୭।୭: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ଆହାର କେନ୍ଦ୍ରର ଜଣେ ମହିଳା କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବି. ନୂଆଗାଁର ଅନିଲ ଦାସ। ମାମଲା ନମ୍ବର ୨୩୦/୨୨ରେ ଅନିଲଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବ୍ରହ୍ମପୁର ବଡଖେମୁଣ୍ଡି ସାହିର ଅଭିଯୋଗକାରୀ ମହିଳା ଜଣକ ଏକ ଆହାର କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେହି କେନ୍ଦ୍ରକୁ ଖାଇବାକୁ ଯାଇଥିବା ଜଣେ ଯୁବକ କୌଣସି କାରଣକୁ କେନ୍ଦ୍ର କରି ସେଠାରେ ଥିବା ଖାଦ୍ୟ ଥାଳିଗୁଡିକ ଫିଙ୍ଗାଫୋପଡା କରିଥିଲେ। ସେହିପରି ସେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏହା ଦେଖି ମହିଳା କର୍ମଚାରୀ ଜଣକ ଏହାର ପ୍ରତିବାଦ କରିବା ସହ କାହିଁକି ଗାଳିଗୁଲଜ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକ ଜଣଙ୍କ ଏକ ବାଡିରେ ମହିଳାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ମହିଳା ଜଣଙ୍କ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୁଣ୍ଡରେ ୭/୮ ସିଲେଇ ହୋଇଛି ବୋଲି ପୋଲିସ କହିଛି।

### ପୋକ୍‌ସୋ କୋର୍ଟ ପିପି ମୋହନ ସିଂଘାରୀଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର ଅଫିସ,୭।୭: ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ମୋହନ ସିଂଘାରୀ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ପିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପିପି ସିଂଘାରୀଙ୍କୁ କୋର୍ଟର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ କହିଛନ୍ତି, କୋର୍ଟରେ ଏବେ ୨ଶହରୁ ଉର୍ଦ୍ଧ୍ୱ ମାମଲା ରହିଛି। ସେଗୁଡିକର ଠିକ୍ ଭାବେ ପରିଚାଳନା କରାଯିବ ।

### ବ୍ରହ୍ମପୁରରେ କନ୍ନଡ଼ ସିନେ ଖଳନାୟକ ରାମ ବୁଗାତି




ବ୍ରହ୍ମପୁର ଅଫିସ,୭।୭-ଅବସରପ୍ରାପ୍ତ ସେନା ହାବିଲଦାର ସୀମାଞ୍ଚଳ ବାରିକଙ୍କ ଫିଜିକାଲ ଏକାଡେମୀରେ ବାଂଲାଦେଶୀ ମହିଳା କ୍ରିକେଟ ଖେଳାଳି ସଂଜିଦା ଅକ୍ତାର ମେଘଲା ଟ୍ରେନିଂ ଗ୍ରହଣ କରିବା ନିମନ୍ତେ ବ୍ରହ୍ମପୁର ଆସିଥିଲେ। ଏବେ କିଛି ଦିନ ପୂର୍ବରୁ ଆଉଜଣେ କନ୍ନଡ଼ ସିନେମାରେ ଅଭିନୟ କରୁଥିବା ଜଣାଶୁଣା ଖଳନାୟକ ରାମ ବୁଗାତି ନିଜର ଓଜନ କମାଇବା ନିମନ୍ତେ ପହଞ୍ଚିଛନ୍ତି ବ୍ରହ୍ମପୁର ଫିଜିକାଲ ଏକାଡେମୀରେ। ରାମ ଆସନ୍ତା ୨୮ରେ ସାରା ଭାରତରେ ୬ଟି ଭାଷାରେ ରିଲିଜ ହେବାକୁ ଥିବା ଫିଲ୍ମ ବିକ୍ରାନ୍ତ ରୋନାରେ ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମ ଶୁଟିଂ ସରିବା ପରେ ସେ ବ୍ରହ୍ମପୁରରେ ଫିଜିକାଲ ଏକାଡେମୀରେ ପହଞ୍ଚିଥିବା କହିଛନ୍ତି।

# ପୁଷ୍ଟିହୀନତା ରୋକିବ ଉପହାର କ୍ଷୀର

ମାଲକାନଗିରି,୭।୭(ଡି.ଏନ୍.ଏ.)



ଉପହାର କ୍ଷୀର କାର୍ଯ୍ୟକ୍ରମରେ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ମାଲକାନଗିରି ଜିଲା ମଙ୍ଗଳ ବିଭାଗ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁଷ୍ଟିହୀନତା ରୋକିବା ନିମନ୍ତେ 'ଉପହାର କ୍ଷୀର' ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ପଡିଆ ବ୍ଲକ ଆଭ୍ୟନ୍ତରୀଣ ସିଲାକୋଟା ଆଶ୍ରମ ବିଦ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଛି। ଜିଲାରେ ପୁଷ୍ଟିହୀନତାକୁ ରୋକିବା ନିମନ୍ତେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଉପସ୍ଥାନରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ।

ଏକମାସ ପାଇଁ ପାଇଲଟ ପ୍ରକଳ୍ପ ଭାବେ ଏହାକୁ ଆରମ୍ଭ କରାଯାଇଛି। ଜିଲାର ସ୍ୱାଭିମାନ ଅଞ୍ଚଳ, ମାଥିଲି, କୋରୁକୋଣ୍ଡା, ପଡ଼ିଆ ବ୍ଲକର ଅନେକ ସ୍ଥାନରେ ପହଞ୍ଚିବା କଷ୍ଟକର ହେଉଥିଲା। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ସହାୟତାରେ ଏକ ଅନ୍ତର୍ଜାତୀୟ କମ୍ପାନୀ ଦ୍ୱାରା ଗଠିତ କେନ୍ଦ୍ର ସରକାରଙ୍କ ଭାରତୀୟ ରେଳ ନିର୍ମାଣ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଥିବା ଯୋଗୁ ଜିଲାପାଳ ପ୍ରଶଂସା କରିଛନ୍ତି। ଏହି କ୍ଷୀର ସୁଗନ୍ଧମୟ ଓ ପୁଷ୍ଟିଯୁକ୍ତ। ଏହାଦ୍ୱାରା ପୁଷ୍ଟିହୀନତା ଦୂର ହେବା ସହ ସ୍କୁଲରେ ଉପସ୍ଥାନ ବଢ଼ିବ ବୋଲି ଆଶା ରଖାଯାଇଛି। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଅବସ୍ଥାପିତ ୧୪ ବିଦ୍ୟାଳୟରେ ୨୩୫୧, ପଡ଼ିଆ ବ୍ଲକର ୫ ବିଦ୍ୟାଳୟର ୩୦୮, ମାଥିଲି ବ୍ଲକର ଗୋଟିଏ ବିଦ୍ୟାଳୟରେ ୨୮୩ ଛାତ୍ରୀଛାତ୍ର, କୋରୁକୋଣ୍ଡା ବ୍ଲକରେ ୨୨୦ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସଂଯୋଗ କରାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସୁରଡି ପାୱାରର ମ୍ୟାନେଜର କାଜଲ ଯୋଶୀ, ଡେପୁଟି ମ୍ୟାନେଜର ଆନନ୍ଦ ଗୁଜୁରାଟ, ଆଇଟିଡିଏ ପିଏ ତ୍ରିନାଥ ମାଝି, ବ୍ଲକ ବିକାଶ ଅଧିକାରୀଙ୍କ ଜିଲା କଲ୍ୟାଣ ଅଧିକାରୀ କୃପାସିନ୍ଧୁ ବେହେରା ଉପସ୍ଥିତ ଥିଲେ।

# ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ

ଗୁଣପୁର,୭।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗର ଅଭିଭାବକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟିର ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପିଲାଙ୍କ ବିକାଶ ସହ ଶିକ୍ଷା ପଦ୍ଧତି ନେଇ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଶିକ୍ଷା ପ୍ରଣାଳୀ, ପିଲାଙ୍କ ଭବିଷ୍ୟତ ଗଠନରେ ଅଭିଭାବକ, ଗୁରୁମା ଗୁରୁଜୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରୁ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ଅଭିଭାବକ ମାନେ ଏଥିରେ ଯୋଗ ଦେଇଥିଲେ। ଆଚାର୍ଯ୍ୟା, ଅଚାର୍ଯ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ରାଶନ କାର୍ଡ ପାଇଁ ୨ ହଜାର ଟଙ୍କା ଲାଞ୍ଚ


ଲାଞ୍ଚଟଙ୍କା ପୌରାଧ୍ୟକ୍ଷ ଜବତ କରୁଛନ୍ତି ।

ମାଲକାନଗିରି,୭।୭(ଡି.ଏନ୍.ଏ.)

**ପୌରାଧ୍ୟକ୍ଷଙ୍କ ହାତରେ ଧରାପଡ଼ିଲେ ଡାଟା ଏଣ୍ଟ୍ରି ଅପରେଟର**

ମାଲକାନଗିରି ପୌର ପରିଷଦରେ ରାଶନ କାର୍ଡ କରିବା ପାଇଁ ଜଣେ ଡାଟା ଏଣ୍ଟ୍ରି ଅପରେଟର ୨୦୦୦ ଟଙ୍କା ଲାଞ୍ଚ ନେବା ସମୟରେ ପୌରାଧ୍ୟକ୍ଷଙ୍କ ହାତରେ ଧରା ପଡ଼ିଛନ୍ତି। ପୂର୍ବରୁ ଜୟପୁର ପୌର ପରିଷଦରେ ଜନ୍ମ ପ୍ରମାଣପତ୍ର କରିବା ପାଇଁ ଜଣେ କର୍ମଚାରୀ ୩୫୦ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିବା ବେଳେ ଏବେ ମାଲକାନଗିରି ପୌର ପରିଷଦରେ ସମାନ ଘଟଣା ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ, ପରିତୋଷ ନାମକ ବ୍ୟକ୍ତି ରାଶନ କାର୍ଡ କରାଇବା ପାଇଁ ମାଲକାନଗିରି ପୌର କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଦାୟିତ୍ୱରେ ଥିବା ଡାଟା ଏଣ୍ଟ୍ରି ଅପରେଟର ଶୁକଦେବ ମଣ୍ଡଳ ତାଙ୍କୁ ୨୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ପରିତୋଷ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ରାଶନ କାର୍ଡ ପାଇବା ଆଶାରେ କୌଣସି ପ୍ରକାରେ ୨୦୦୦ ଟଙ୍କା ଯୋଗାଡ଼କରି ଅପରେଟରକୁ ଦେଇଥିଲେ। ଏହି ବିଷୟ ପୌରାଧ୍ୟକ୍ଷ ମନୋଜ ବାରିକ ଜାଣିବା ପରେ ତୁରନ୍ତ ସେହି ସ୍ଥାନକୁ ଯାଇ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଠାରୁ ୨୦୦୦ ଟଙ୍କା ଜବତକରି ପରିତୋଷଙ୍କୁ ଫେରସ୍ତ କରିଥିଲେ । ଏଥିସହ ଶୁକଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ପୌରାଧ୍ୟକ୍ଷଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝି ଅଧକ୍ଷ ସମାଧାନ କରନ୍ତୁ

ମାଲକାନଗିରି,୭।୭(ଡି.ଏନ୍.ଏ.)

**କଲେଜ, ହଷ୍ଟେଲ କ୍ୟାମ୍ପସକୁ ରାଗିଂମୁକ୍ତ କରିବାକୁ ଗୁରୁତ୍ୱ**

ମାଲକାନଗିରି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଏବଂ ହଷ୍ଟେଲକୁ ରାଗିଂମୁକ୍ତ କରିବାକୁ ଜିଲାପାଳ ବିଶାଲ ସିଂ ଗୁରୁତ୍ୱାରୋପ କରିଛନ୍ତି। ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାଗିଂ ନିରୋଧୀ ବୈଠକ ହୋଇଥିଲା। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ବୁଝି ତାହାର ସମାଧାନ କିପରି ସହଜରେ କରାଯାଇପାରିବ ସେ ନେଇ ଜିଲାର ସମସ୍ତ କଲେଜ ଅଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ। କୌଣସି ଛାତ୍ରୀଛାତ୍ର ରାଗିଂ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନି ଦେଇଛନ୍ତି। ବୈଠକରେ ସମସ୍ତ କଲେଜ ଅଧ୍ୟକ୍ଷଙ୍କ ସମେତ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ମୌସୁମୀ ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରସ୍ତୁତି

ବ୍ରହ୍ମପୁର ଅଫିସ,୭।୭

ଦକ୍ଷିଣ ଓଡ଼ିଶା ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ମୌସୁମୀ ସମୟରେ ଯେକୌଣସି ଜରୁରିକାଳୀନ ସ୍ଥିତିରେ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ପାଇଁ କମ୍ପାନୀ ଅନେକ ପଦକ୍ଷେପ ଗ୍ରହଣ କରିଛି। ଟିପିଏସ୍‌ଓଡିଏଲ ପକ୍ଷରୁ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ବିଦ୍ୟୁତ୍ ଯୋଗାଣ ନିୟନ୍ତ୍ରଣ ବ୍ୟବସ୍ଥା (ପିଏସ୍‌ଏସ୍‌ସି) ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି। ବ୍ୟାକ୍‌ଅପ ସମାଧାନ ଭାବେ ଟିପିଏସ୍‌ଓଡିଏଲ ପକ୍ଷରୁ ଜରୁରିକାଳୀନ ସମୟରେ ବିଦ୍ୟୁତ୍ ସେବା ପାଇଁ ଭ୍ରାମ୍ୟମାଣ ସବ୍‌ଷ୍ଟେଶନ ରଖା ଯାଇଛି। ତତସହିତ କମ୍ପାନୀ ପକ୍ଷରୁ ଅନ୍ୟାନ୍ୟ କେତେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ସର୍କଲ, ପିଏସ୍‌ସିସି ଓ ସିଇଓ କାର୍ଯ୍ୟାଳୟରେ ସାଟେଲାଇଟ ଫୋନ ସଂଯୋଗ, ମୌସୁମୀ ସମୟରେ ସୁରକ୍ଷିତ କାର୍ଯ୍ୟ ପରିବେଶ ପାଇଁ ଟିପିଏସ୍‌ଓଡିଏଲର ବ୍ୟବସାୟ ସହଯୋଗୀଙ୍କ ପାଇଁ ସୁରକ୍ଷା ପ୍ରସ୍ତୁତି, ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସାର୍ବଜନୀନ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଦ୍ୟୁତ ଯୋଗାଣ କରୁଥିବା ଫିଟରକୁ ଅଗ୍ରାଧିକାର ଭିତ୍ତିରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣର ବ୍ୟବସ୍ଥା କରାଯାଇଛି। ସେହିପରି ରକ୍ଷଣାବେକ୍ଷଣ ଓ ବିଭ୍ରାଟ ସୁଧାରିବା ପାଇଁ ଆବଶ୍ୟକ ଶ୍ରମ ଶକ୍ତି ଓ ଯାନ ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ଜରୁରିକାଳୀନ ସମୟରେ ଗ୍ରାହକଙ୍କ ନିମନ୍ତେ ୨୪ ଘଣ୍ଟିଆ ଟୋଲ ଫ୍ରି ନଂ-୧୯୧୨/୧୮୦୦୩୪୫୬୭୯୭ ଜାରି କରାଯାଇଛି। ଟିପିଏସ୍‌ଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି, ଆଗାମୀ ବର୍ଷା ଋତୁରେ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଶ୍ରେଷ୍ଠ ପ୍ରାଥମିକତା। ଆମ ନେଟୱର୍କକୁ ସୁଦୃଢ଼ କରିବା ଓ ଯେକୌଣସି ଅଭାବନୀୟ ବିଦ୍ୟୁତ ସମ୍ପର୍କିତ ଦୁର୍ଘଟଣାକୁ ଏଡାଇବା ପାଇଁ ଆମ ଟିମ୍ ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରିଛି। ଆମେ ନିୟମିତ ବ୍ୟବଧାନରେ ଯାଞ୍ଚ କରୁଛୁ । ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେ କହିଛନ୍ତି।

# ଧରାକୋଟରେ ଖୋଲିବ କୋର୍ଟ

ଧରାକୋଟ,୭।୭(ଡି.ଏନ.ଏ.)

ଧରାକୋଟରେ କୋର୍ଟ ପ୍ରତିଷ୍ଠା ପାଇଁ ବହୁଦିନ ପୂର୍ବରୁ ଦାବି ହୋଇ ଆସୁଥିଲା। ଏବେ ତାହା ପୂରଣ ହେବାକୁ ଯାଉଛି। ସଂପ୍ରତି ରାଜ୍ୟ ସରକାରଙ୍କ ଆଇନ ବିଭାଗ ତରଫରୁ ଧରାକୋଟ, କୁକୁଡ଼ାଖଣ୍ଡି ଓ ଗଞ୍ଜାମଠାରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାଫଳରେ ଏସବୁ ସ୍ଥାନରେ ଶୀଘ୍ର କୋର୍ଟ ଖୋଲିବାର ଆଶା ଉଜ୍ଜ୍ୱଳ ହୋଇଛି । ଧରାକୋଟରେ ବହୁ ପୂର୍ବରୁ ତହସିଲ ଓ ଥାନା ପ୍ରତିଷ୍ଠା ହୋଇସାରିଛି । ଏହି ଅଞ୍ଚଳର ସମସ୍ତ ମାମଲାର ନ୍ୟାୟିକ ବିଚାର ପାଇଁ ଆସିକା କୋର୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏଠାରେ କୋର୍ଟପ୍ରତିଷ୍ଠା ପାଇଁ ସୂଚନା ମିଳିବାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ଅଞ୍ଚଳର ଆଇନଜୀବୀ ଆଶିଷ ପାଣିଗ୍ରାହୀ,ବିଚିତ୍ରାନନ୍ଦ ମହାପାତ୍ର, ବିଦେଶୀ ନାହାକ, ହୃଦାନନ୍ଦ ଜେନା, ସୁରେଶ ସାହୁ, କାଶୀନାଥ ତ୍ରିପାଠୀ, ଶ୍ରୀଧର ସାହୁ, ପ୍ରଶାନ୍ତ ପାଣିଗ୍ରାହୀ, କୈଳାସ ସାହୁ, ଲକ୍ଷ୍ମୀକାନ୍ତ ଦାସ, ଚିନା ରେଡ୍ଡୀ, ସଞ୍ଜୟ ପାତ୍ର ପ୍ରମୁଖ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ଡିଜିଟାଲ ମାର୍କେଟିଂ ତାଲିମ

ପଦ୍ମପୁର,୭।୭(ଡି.ଏନ୍.ଏ.)


ତାଲିମଦାତାଙ୍କ ସହ ତାଲିମ ନେଇଥିବା ଗୋଷ୍ଠୀ ମହିଳାମାନେ ।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସଦଭାବନା ଗୃହରେ ଏସ୍‌ଏଚ୍‌ଜିଙ୍କ ନିମନ୍ତେ ୩ ଦିନ ଧରି ଚାଲିଥିବା ଡିଜିଟାଲ ମାର୍କେଟିଂ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଦକ୍ଷତା ବିକାଶ ବିଭାଗ ଏବଂ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ୧୦ ଏସ୍‌ଏଚ୍‌ଜିର ୨୦ ସଦସ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏଥିରେ ଏସ୍‌ଏଚ୍‌ଜି ମାନେ ନିଜ ଦ୍ୱାରା ବିଭିନ୍ନ ବ୍ୟବହାର ସାମଗ୍ରୀ ପ୍ରସ୍ତୁତ କରି ଡିଜିଟାଲ ମାର୍କେଟିଂ ମାଧ୍ୟମରେ ବ୍ୟବସାୟ କରିବା ବିଷୟରେ ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମଣିମାଳା ଶବର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଡିଓ ରୀନା ପ୍ରଧାନ ଯୋଗଦେଇ ଗୋଷ୍ଠୀ ସଦସ୍ୟାଙ୍କୁ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ନିୟୋଜିତ ରହି ସ୍ୱାବଲମ୍ବୀ ହେବା ବିଷୟରେ ବୁଝାଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ପ୍ରମିଳା ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ ମିଶ୍ର ଯୋଗଦେଇ ମହିଳା ଉଦ୍ୟୋଗୀ ନିମନ୍ତେ ଏହି ଡିଜିଟାଲ ମାର୍କେଟିଂ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ତାଲିମ କାର୍ଯ୍ୟକ୍ରମର ସଂଯୋଜନା କରିବା ନିମନ୍ତେ ତାଲିମ ଅନୁଷ୍ଠାନର ଅଧିକାରୀ ମହିଳାମାନଙ୍କୁ ତାଲିମ ଦେଇଥିଲେ। ମିଶନ ଶକ୍ତି ବ୍ଲକ ସ୍ତରୀୟ ମହାସଂଘର ସଭାପତି ମମତା ପାଣିଗ୍ରାହୀ ମାଷ୍ଟର ଟ୍ରେନର ଭାବେ ଡିଜିଟାଲ ମାର୍କେଟିଂ ବୁଝାଇଥିଲେ।

# ୟୁଏଆଇଏଲ୍‌ରେ ଏକକ କଳା ପ୍ରଦର୍ଶନୀ


ହିନା ବେଗ୍‌ଙ୍କ ବିଭିନ୍ନ ଚିତ୍ରକଳାକୁ ଦର୍ଶକ ବୁଲି ଦେଖୁଛନ୍ତି ।

ରାୟଗଡ଼ା ଅଫିସ/ଟିକିରି,୭।୭(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍)ର ଓଷାପଡ଼ା ଟାଉନ୍‌ଶିପରେ ୩ ଦିନିଆ ଏକକ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଲେଡିଜ୍ କ୍ଲବର ସଭାପତି ହିନା ବେଗ୍ ନିଜ ଚିତ୍ରକଳା ପ୍ରଦର୍ଶନ କରିଛନ୍ତି। ଏହି ପ୍ରଦର୍ଶନୀରେ ୩୫ଟି ପେଣ୍ଟିଂ ସ୍ଥାନ ପାଇଥିଲା। ଏଥିରେ ପ୍ରକୃତି, ମାନବ ଜୀବନ, ମୂଲ୍ୟବୋଧ, ସଂସ୍କୃତି, ଇତିହାସ ଏବଂ ପାରମ୍ପରିକ କଳା ସ୍ଥାନ ପାଇଥିଲା। ଆଦିବାସୀ ବହୁଳ ଏହି ଅଞ୍ଚଳରେ କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଦୈନନ୍ଦିନ ଜୀବନରେ କଳାର ଗୁରୁତ୍ୱକୁ ସେ ଚିତ୍ରକଳା ମାଧ୍ୟମରେ ବର୍ଣ୍ଣନା କରିଥିଲେ। ପ୍ରଦର୍ଶନୀରେ ହିନା କହିଛନ୍ତି, ପେଣ୍ଟିଂ କେବଳ ବ୍ୟକ୍ତିଙ୍କୁ ଶାନ୍ତି ପ୍ରଦାନ କରେ ନାହିଁ, ଏହା ମନୁଷ୍ୟ ଜୀବନକୁ ମଧ୍ୟ ଶାନ୍ତି ପ୍ରଦାନ କରିଥାଏ। ପ୍ରଦର୍ଶିତ ସମସ୍ତ ପେଣ୍ଟିଂ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଅର୍ଥପୂର୍ଣ୍ଣ ଥିଲା। ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀ ଏହି ଚିତ୍ରକଳା ବୁଲି ଦେଖିଥିଲେ। ପିଲାମାନେ ଏଥିରୁ ପ୍ରେରିତ ହେବେ ବୋଲି ଅଭିଭାବକମାନେ କହିଛନ୍ତି।

# ଚାରାରୋପଣ, ଆଇନ ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର,୭।୭(ବି.ପ୍ର.)

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକର ଆଦେଶ କ୍ରମେ, ଜିଲା ଆଇନସେବା ପ୍ରାଧିକରଣ ନବରଙ୍ଗପୁର ପକ୍ଷରୁ ବିଦ୍ୟାନିକେତନ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ୫୦ ଫଳଜାତୀୟ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ଶିଶୁ ସୁରକ୍ଷା ଅଧିକାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀମାନେ ଭାଗ ନେଇଥିଲେ। ନବରଙ୍ଗପୁର ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ୍ ମୁନ ରାନୀ ମିଶ୍ର, ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଆଇନଜୀବି ସଂଘ ସଦସ୍ୟ ଉମା ଶଙ୍କର ତ୍ରିପାଠୀ, ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମକର୍ତ୍ତା, ପାରାଲିଗାଲ ସାମାଜିକ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଚାରା ରୋପଣ କାର୍ଯ୍ୟକ୍ରମ ପରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

# ୧୪ ବର୍ଷ ପରେ ଧରାପଡ଼ିଲା ହତ୍ୟା ଅଭିଯୁକ୍ତ

ଖଲ୍ଲିକୋଟ,୭।୭(ଡି.ଏନ.ଏ.)

ଦୀର୍ଘ ୧୪ ବର୍ଷ ପରେ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ବି. ସାମ ପାତ୍ର ୨୦୦୮ରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲେ। ୨୧।୩।୨୦୦୮ରେ ମୁକୁନ୍ଦପୁରଠାରୁ ମଠଖୋଲ ଜଙ୍ଗଲ ଯିବା ରାସ୍ତାରେ ସେହି ଗ୍ରାମର ଭିକାରୀ ଗୌଡ଼ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବି. ସାମ ପାତ୍ରଙ୍କ ବିରୋଧରେ ଖଲ୍ଲିକୋଟ ଥାନା କେସ ନମ୍ବର ୨୨/୨୦୦୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ପୂର୍ବରୁ ସାମଙ୍କ ବିରୋଧରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୨/୨୦୦୩ ଅନୁଯାୟୀ ଆଉ ଏକ ମାମଲା ମଧ୍ୟ ରହିଥିଲା। ତେବେ ହତ୍ୟା ଅଭିଯୁକ୍ତ ଥାଇ ଗାଁରୁ ଫେରାର ହୋଇଥିଲେ ବି. ସାମ ପାତ୍ର। ଏଣେତେଣେ ଜଙ୍ଗଲ ମଧ୍ୟରେ ବୁଲି ଜାଗା ବଦଳାଉଥିଲା। ତେବେ ଗୁରୁବାର ବିଲରେ କାମ କରୁଥିବା ଖବର ପାଇ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଦେଢ଼ମାସ ଶିଶୁପୁତ୍ରର ମୃତ୍ୟୁ: ଟିକାକୁ ଦାୟୀ କଲେ ପରିବାର ଲୋକେ

ବିଷମକଟକ,୭।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡୁକୁମ ପଞ୍ଚାୟତ ଅନ୍ତର୍ଗତ ଡେଡିପଡ଼ା ଗ୍ରାମରେ ଏକ ଦେଢ଼ମାସର ଶିଶୁପୁତ୍ରର ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଟୀକା କାରଣରୁ ତା'ର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶିଶୁକୁ ସକାଳେ ଟୀକା ଦିଆଯାଇଥିବାବେଳେ ଅପରାହ୍ନରେ ସେ ଶୋଇଥିଲା। ପରେ ଶୋଇଥିବା ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ତେଣୁ ପୁଅର ମୃତ୍ୟୁ ପାଇଁ ଟୀକା ହିଁ ଦାୟୀ ବୋଲି ପରିବାର ଲୋକେ କହିଛନ୍ତି।

ପରିବାର ଲୋକଙ୍କ କହିବା ହେଲା, ବୁଧବାର ଡେଡିପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଟୀକାକରଣ କାର୍ଯ୍ୟକ୍ରମ ଚାଲିଥିଲା। ଡେଡିପଡ଼ା ଗ୍ରାମର ଶିଶୁମାନଙ୍କୁ ଓଜନ କରାଯାଇ ପୋଲିଓ ଏବଂ ଅନ୍ୟ ଟୀକା ଦିଆଯାଇଥିଲା। ଟୀକା ଦେବାପରେ ପିଲାଙ୍କୁ କେନ୍ଦ୍ରରେ ୨ ଘଣ୍ଟା ରଖିବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ନ ଯିବାରୁ ମା'ମାନେ ଘରକୁ ନେଇଥିଲେ। ତେବେ ସେହି ଗ୍ରାମର ବନମାଳି ସାହୁଙ୍କ ଦେଢ଼ମାସର ଶିଶୁପୁତ୍ରକୁ ଟୀକାଦେଇ ଘରକୁ ନେବାପରେ ଅପରାହ୍ନରେ ମା' କ୍ଷୀର ଖାଇ ଶୋଇଥିଲା। ୪ଟାବେଳେ ମା' ଉଠାଇବାରୁ ପୁଅ ଉଠି ନ ଥିଲା। ତୁରନ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ବିଦ୍ୟାବତୀ ନାଗକୁ ଘଟଣା ସଂକ୍ରାନ୍ତରେ ଅବଗତ କରିଥିଲେ। ହେଲେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଆସି ନ ଥିଲେ। ତେଣୁ ଟୀକାକରଣ ପରେ ଶିଶୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ସତ୍କାର ନ କରି ପରିବାର ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଅବଗତ କରିଥିଲେ। ଗୁରୁବାର ସକାଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶୁଂପ୍ରଭା ଚୌଧୁରୀ ଡେଡିପଡ଼ା ଗ୍ରାମକୁ ଯାଇ ପରିବାର ଲୋକଙ୍କ ଠାରୁ ସମସ୍ତ କଥା ବୁଝିବା ସହ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ମଧ୍ୟ ଘଟଣା ବିଷୟରେ ପଚାରି ବୁଝିଥିଲେ।

ପ୍ରାଥମିକ ତଦନ୍ତରେ ଟୀକା ସମ୍ବନ୍ଧୀୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନାହିଁ। ସେହିପରି ଟୀକା ନେଇଥିବା ଅନ୍ୟ ସମସ୍ତ ଶିଶୁ ମଧ୍ୟ ସୁସ୍ଥ ଅଛନ୍ତି। ତେଣୁ ଟୀକା କାରଣରୁ ଶିଶୁର ମୃତ୍ୟୁ ଘଟିନାହିଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଥିଲେ। ପରେ ପରିବାର ଲୋକଙ୍କୁ ବୁଝାଶୁଝା କରି ଶିଶୁର ମୃତଦେହ ସତ୍କାର କରାଯାଇଛି।

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ଘର

ପାପଡାହାଣ୍ଡି,୭।୭(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ବରଦେଇ ଗ୍ରାମରେ ନିଆଁ ଲାଗି କିଶୋର ଦିଶାରୀଙ୍କ ଘର ପୋଡି ନଷ୍ଟ ହୋଇଯାଇଛି। ରୋଷେଇ କରିବାବେଳେ ଚୁଲୁରି ନିଆଁଲାଗି ଘର ପୋଡି ଯାଇଥିବା ଜଣାପଡିଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, କିଶୋରଙ୍କ ସ୍ତ୍ରୀ କୁନ୍ତୀ ରୋଷେଇ ସାରି ପାଣି ପାଇଁ ଘର ନିକଟସ୍ଥ ନଳକୂପ ପାଖକୁ ଯାଇଥିବା ବେଳେ ନିଆଁ ଲାଗି ଯାଇଥିଲା। ଏହା ଦେଖି ସାହି ପଡିଶା ନିଆଁକୁ ଆୟତ୍ତ କରିବା ଉଦ୍ୟମ କରବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିଆଁ ଲାଗି ଘର ଭିତରେ ଥିବା ଚାଉଳ, ଆବାସପତ୍ର, କପଡ଼ା,ବାସନ ଜଳିଯାଇଛି। ଅଭାବ ସମୟରେ ଏବେ କିଭଳି ଚଳିବୁ ବୋଲି ଚିନ୍ତାରେ କୁନ୍ତୀ। ଶୀଘ୍ର ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗେଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଦ୍ୟାଳୟ ନିରାପତ୍ତା ସପ୍ତାହ କାର୍ଯ୍ୟକ୍ରମ




ଜୟପୁର, ୭।୭(ନି.ପ୍ର.)- ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ନିରାପତ୍ତା ସପ୍ତାହ କାର୍ଯ୍ୟକ୍ରମ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା, ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, ଶାରୀରିକ ଶିକ୍ଷା ଶିକ୍ଷକ ନରେଶ ଷଡଙ୍ଗୀ ବିଦ୍ୟାଳୟ ନିରାପତ୍ତା, ପ୍ରାଥମିକ ଉପଚାର, ବିଦ୍ୟାଳୟ ନିରାପତ୍ତା କମିଟିର ଭୂମିକା ଓ ସହଭାଗିତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପ୍ରାରମ୍ଭରେ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜୀବନ ରକ୍ଷାକାରୀ କୌଶଳ ଉପରେ ଶିକ୍ଷା ଦେଇଥିଲେ। ଶିକ୍ଷକ ଦୁର୍ଗା ପ୍ରସାଦ ପାତ୍ର, ସୁଜିତ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ନାବାଳିକା ଗୁରୁତର

ପାପଡାହାଣ୍ଡି,୭।୭(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ସାପ କାମୁଡ଼ାରେ ଗୁରୁବାର ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ସେ ହେଲେ ବାଳମତି ଗୌଡ଼ (୧୧)। ସୂଚନାନୁଯାୟୀ ବାଳମତି ଗାଁ ନିକଟସ୍ଥ ପୋଖରୀରୁ ଶୌଚ ହେଇ ଶୌଚ ଫେରିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଘରକୁ ଫେରି ପରିବାର ଲୋକଙ୍କୁ ବାଳମତି ଜଣାଇବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ବାଳମତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

### ଦିଲୀପ ଅଞ୍ଚଳଗୁମ୍ମା, ଅଖିଳ ତେନ୍ତୁଳିଖୁଣ୍ଟି ଲାମ୍ପସ ସଭାପତି

ତେନ୍ତୁଳିଖୁଣ୍ଟି, ୭।୭(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା ଓ ତେନ୍ତୁଳିଖୁଣ୍ଟି ଲାମ୍ପସ ସଭାପତି ନିର୍ବାଚନ ଶେଷ ହୋଇଛି। ଦିଲୀପ ପ୍ରଧାନୀ ୧୦ ଖଣ୍ଡ ଭୋଟ ପାଇ ଅଞ୍ଚଳଗୁମ୍ମା ଲାମ୍ପସ ସଭାପତିଭାବେ ବିଜୟୀ ହୋଇଛନ୍ତି। ସେହିଭଳି ତେନ୍ତୁଳିଖୁଣ୍ଟି ଲାମ୍ପସ ସଭାପତି ଭାବେ ଅଖିଳ ଭତ୍ରା ମଧ ୧୦ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧୀ ପ୍ରାର୍ଥୀ ବନମାଳୀ ଚଲାନ ମାତ୍ର ୪ଖଣ୍ଡ ଭୋଟ ପାଇଥିଲେ। ପୂର୍ବ ଥର ମଧ ଉଭୟ ଲାମ୍ପସରେ ଏହି ୨ଜଣ ସଭାପତି ଥିଲେ।

# ‘ସର୍ବନିମ୍ନ ସେବା ଯୋଗାଇବାରେ କରାଯାଉଛି ଅବହେଳା’

## ଜିଲାପାଳଙ୍କୁ ଆଇନଜୀବୀ ସଂଘର ଦାବିପତ୍ର

ନବରଙ୍ଗପୁର,୭।୭(ବି.ପ୍ର.)

ଜିଲା ଆଇନଜୀବୀ ସଂଘ ସଦସ୍ୟମାନେ ଗୁରୁବାର ଜିଲାପାଳ କମଲଲୋଚନ ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଲୋକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସେଗୁଡ଼ିକର ସମାଧାନ କରିବାକୁ ସଂଘ ପକ୍ଷରୁ ଜିଲାପାଳଙ୍କ ଆଗରେ ଦାବି ରଖାଯାଇଛି।

ଜିଲାର ସମସ୍ତ ତହସିଲରେ ଲୋକଙ୍କୁ ନିମ୍ନତମ ସେବା ଯୋଗାଇବାରେ ଅବହେଳା କରାଯାଉଛି। ସେଟେଲମେଣ୍ଟ ରିଭିଜନ ମାମଲାଗୁଡ଼ିକରେ ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତହସିଲଗୁଡ଼ିକ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଏଥିପାଇଁ ଲୋକେ ଘର ତିଆରି, ନିଜ ଜମି ବିକ୍ରି କରିପାରୁନାହାନ୍ତି। କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତହସିଲ, ସବ୍‌କଲେକ୍ଟର, ଅତିରିକ୍ତ ସବ୍‌କଲେକ୍ଟର, ରେଭିନ୍ୟୁ କୋର୍ଟରେ ବିଭିନ୍ନ ଦଲିଲର ପ୍ରମାଣିତ ନକଲ ଦେବାରେ ଅବହେଳା କରାଯାଉଛି। ଜନ୍ମ, ମୃତ୍ୟୁ, ଆୟ ଓ ବିବିଧ ପ୍ରମାଣପତ୍ର ପାଇଁ ବର୍ଷ ବର୍ଷ ଧରି



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଅପେକ୍ଷା କରିବାକୁ ପଡୁଛି। ଦୀର୍ଘ ୫ବର୍ଷରୁ ଅଧିକ ହେବ ଅତିରିକ୍ତ ଜିଲାପାଳ ଓ ରେଭିନ୍ୟୁ ଅଫିସରଙ୍କ କୋର୍ଟ କାର୍ଯ୍ୟ କରୁନାହିଁ। ୨୦୧୬ରୁ ପ୍ରତି ପଞ୍ଚାୟତରେ ‘ମଧୁସୂଦନ ଆଇନ ସହାୟତା କେନ୍ଦ୍ର’ ଆରମ୍ଭ କରିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଅତିରିକ୍ତ ସବ୍‌କଲେକ୍ଟର, ତେନ୍ତୁଳିଖୁଣ୍ଟି ଅତିରିକ୍ତ ତହସିଲଦାର ଓ ବିଭିନ୍ନ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଓକିଲ ଏବଂ ଲୋକଙ୍କୁ ଠିକ୍ ବ୍ୟବହାର କରୁ ନ ଥିବା କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସମସ୍ତ ଡାକ୍ତରଖାନାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ତୁରନ୍ତ ସଜାଡ଼ିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ବାରମ୍ବାର ହେଉଥିବା ବିଦ୍ୟୁତ୍ କାଟ ସମ୍ବନ୍ଧରେ ଆଲୋଚନାକରି ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଲିଖିତଭାବେ ଅନୁରୋଧ କରାଯାଇଛି। ଏସବୁର ପ୍ରତିକାର ଓ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାସ୍ତରୀୟ ରେଭିନ୍ୟୁ ବୈଠକରେ ଆଇନଜୀବୀ ସଂଘ ପ୍ରତିନିଧି ନିୟମିତଭାବେ ଯୋଗଦେଇ ସମସ୍ତ ସମସ୍ୟା ଉପସ୍ଥାପନ କରିବାକୁ ଜିଲାପାଳ କହିଛନ୍ତି।

ଏଭଳି କୌଣସି ସମସ୍ୟା ଥିଲେ ନବରଙ୍ଗପୁରବାସୀ ଜିଲା ଆଇନଜୀବୀ ସଂଘକୁ ଅବଗତ କରିପାରିବେ ଓ ସେଗୁଡିକୁ ଜିଲାର ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥାପିତ କରି ସମାଧାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲାର ଜନସାଧାରଣଙ୍କ ସର୍ବନିମ୍ନ ଓ ମୌଳିକ ସମସ୍ୟା ପ୍ରତି ପ୍ରଶାସନ ଓ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଯୋଗୁ ଆଇନଜୀବୀ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁ ଶେଖର ତ୍ରିପାଠୀ, ଅତିରିକ୍ତ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ପ୍ରଦୀପ କୁମାର ସାହୁ, ସରୋଜ ବେହେରା, କିଶୋର କୁମାର ପଟ୍ଟନାୟକ, ଶ୍ରୀନିବାସ ପାତ୍ର ଉପସ୍ଥିତ ଥିଲେ।

# ସ୍କୁଲର ନୂତନ କୋଠା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

କୁନ୍ଦୁରା, ୭।୭(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତରେ କେନ୍ଦ୍ର ସଂଖ୍ୟା ଲଘୁ ମନ୍ତ୍ରୀ ଜୋନ ବାର୍ଲି ଆସିଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କୁ ବ୍ଲକ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରେ କିଛି ସମୟ ରହିଥିଲେ।ଅନ୍ୟ ଏକ ସ୍ଥାନରେ ସ୍କୁଲର ନୂତନ କୋଠା ତିଆରି ପାଇଁ ଅନୁଷ୍ଠାନ ସଭାପତି ବୃନ୍ଦାବନ ପାତ୍ର, ପ୍ରଧାନ ଆଚାର୍ଯ୍ୟ ଭଗବାନ ପାଢୀ, ଆଚାର୍ଯ୍ୟ ସ୍ୱରୂପ କୁମାର ଦାସ କେନ୍ଦ୍ର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହାପରେ କେନ୍ଦ୍ର ମନ୍ତ୍ରୀ କୁନ୍ଦୁରା ବ୍ଲକର ଉପାନ୍ତ ତଥା ସୀମାନ୍ତ ଅଞ୍ଚଳ ବାଗଦେରିରେ ପହଞ୍ଚିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ଠିକ୍‌ଭାବେ ପହଞ୍ଚୁଛି କି ନାହିଁ ସେ ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। କୁନ୍ଦୁରାରେ ରହୁଥିବା ସଂଖ୍ୟା ଲଘୁ ସମ୍ପ୍ରଦାୟ ଲୋକେ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଦାବିପତ୍ର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଭାପତି ସୁମନ୍ତ ପ୍ରଧାନ,ଗୌତମ ସାମନ୍ତରାୟ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି,ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, କାଳିରାମ ମାଝି, ବିରଞ୍ଚି ନାରାୟଣ ତ୍ରିପାଠୀ,ବରିଷ୍ଠ ଭାଜପା ନେତା ଉପେନ୍ଦ୍ରନାଥ ଭଞ୍ଜ,ବଦ୍ରୀ ନାରାୟଣ ଆଚାର୍ଯ୍ୟ, ଜିଲା ଭାଜପା ଉପସଭାପତି ଚନ୍ଦ୍ରଶେଖର ରଥ ଏବଂ ବିପଦ ଭଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମିଡିଆ ହାଉସ୍ ପକ୍ଷରୁ ଚାରାରୋପଣ



ଚାରାରୋପାଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଦାମନଯୋଡି, ୭।୭(ଡି.ଏନ୍.ଏ.)

ଦାମନଯୋଡି ମିଡିଆ ହାଉସ୍ ପକ୍ଷରୁ କୋରାପୁଟ ଜିଲା ଡୁମୁରିପଦର ପଞ୍ଚାୟତ ତଥା ସଦର ଗ୍ରାମରେ ଚାରାରୋପଣ କରାଯାଇଛି। ସଭାପତି ନରସିଂହ ବ୍ରହ୍ମାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସୁମନ କୁମାର ଟପ୍ପୋ, ନାଲ୍‌କୋ ଡିଜିଏମ୍ ସରୋଜ କୁମାର ନାଥ, ଦାମନଯୋଡି ଥାନାଧିକାରୀ ଗୌରହରି ସାହୁ ଅତିଥି ଭାବେ ଯୋଗଦେଇ ଡାକ୍ତରଖାନା ପରିସରରେ ଚାରାରୋପଣ କରିଥିଲେ। ମିଡିଆ ହାଉସ୍ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଓ ଉପସଭାପତି ସୁଦର୍ଶନ ସେନାପତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଆଲୁମିନା ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ସାଉ, ଉପଦେଷ୍ଟା ତଥା ସେମିଳିଗୁଡା ବାର ଆସୋସିଏଶନ ସଭାପତି ଆଇନଜୀବୀ ପୀତାମ୍ବର ସାହୁ, ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ନାଲ୍‌କୋ ଅଧିକାରୀ ଅରୁଣ କୁମାର ମହାନ୍ତି, ଆଦିବାସୀ ନେତା ତଥା ପୂର୍ବତନ ସରପଞ୍ଚ ଦାମୋଦର ଜାନିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଉମରକୋଟରେ ବନ୍ଦ ରହିଲା ସମସ୍ତ ବ୍ୟବସାୟିକ ଅନୁଷ୍ଠାନ

## ୧୨ ଘଣ୍ଟିଆ ବନ୍ଦ ସଫଳ

ଉମରକୋଟ, ୭।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହରରେ ଜିଏସ୍‌ଟି ବିଭାଗର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ପ୍ରତିବାଦରେ ଗୁରୁବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। କେବଳ ଔଷଧ ଓ କେତେକ ପରିବା ଦୋକାନ ହିଁ ଖୋଲାଥିଲା। ସକାଳ ୧୦ଟାରେ ସ୍ଥାନୀୟ ଧର୍ମଶାଳାରେ ଶତାଧିକ ବ୍ୟବସାୟୀ ଏକତ୍ରିତ ହୋଇ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଏସ୍‌ଟି ଆଦାୟ ନାମରେ କେବଳ ଉମରକୋଟ ସହରକୁ କାହିଁକି ଟାର୍ଗେଟ କରାଯାଉଛି ସେ ନେଇ ବଣିକ ସଂଘ ସଭାପତି ଦ୍ୱାରିକାନାଥ ପାଣିଗ୍ରାହୀ ପ୍ରଶ୍ନ କରିଥିଲେ। ଆମେ ସରକାରଙ୍କ ପଦକ୍ଷେପକୁ ବିରୋଧ କରୁନାହୁଁ। କିନ୍ତୁ ଭବାନୀପାଟଣା ଜିଏସ୍‌ଟି ସର୍କଲରେ ଶତାଧିକ ସହର ଥିବାବେଳେ ସେଠାରେ କୌଣସି ଚଢ଼ାଉ କାହିଁକି କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ତହସିଲଦାରଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ଗତ ୫ମାସ ଭିତରେ ୯ ବ୍ୟବସାୟିକ ପ୍ରତିଷ୍ଠାନ ଓ ସପ୍ତାହକ ଭିତରେ ୨ଟି ଦୋକାନରେ ଚଢ଼ାଉକରି ଉମରକୋଟ ବ୍ୟବସାୟୀଙ୍କୁ ହଇରାଣ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ପରେ ବ୍ୟବସାୟୀମାନେ ଉମରକୋଟ ସହର ପରିକ୍ରମା କରିବା ପରେ ଧର୍ମଶାଳାରେ ଏକ ସଭାର ଆୟୋଜନ କରିଥିଲେ। ଯଦି ବିକ୍ରିକର ବିଭାଗର କାର୍ଯ୍ୟ ଏପରି ବଳବତ୍ତର ରୁହେ ଆଗାମୀ ଦିନରେ ବ୍ୟବସାୟିକ ସଂଘ ଆନ୍ଦୋଳନକୁ ଜୋର୍‌ଦାର କରିବ ବୋଲି ବୈଠକରେ କୁହାଯାଇଛି। ଏହି ଆନ୍ଦୋଳନରେ ବଣିକ ସଂଘ ଆଇନ ଉପଦେଷ୍ଟା ପ୍ରଶାନ୍ତ ସାହୁ, ସଭାପତି ଦ୍ୱାରିକାନାଥ ପାଣିଗ୍ରାହୀ, ସମ୍ପାଦକ ଲକ୍ଷ୍ମଣ ଅଗ୍ରୱାଲଙ୍କ ସମେତ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ।



ସଂଘ ସଦସ୍ୟମାନେ ସହର ପରିକ୍ରମା କରୁଛନ୍ତି ।

# କୋର୍ଟ ପରିସରରେ ଚାରା ଲଗାଇଲେ ଛାତ୍ରୀଛାତ୍ର

ଜୟପୁର, ୭।୭(ନି.ପ୍ର.)

କୋରାପୁଟ ଜିଲା ଜୟପୁରସ୍ଥିତ ସିଟି ଉଚ୍ଚ ବିଦ୍ୟାଳୟ ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ର ଜିଲା କୋର୍ଟ ପରିସରରେ ଚାରା ରୋପଣ କରିଛନ୍ତି। ବଉଳ, ଜାମୁକୋଳି, ପିଜୁଳି, ଲିଚୁ, ଚିକୁ, କରଞ୍ଜ ଓ ନିମ୍ବ ଆଦି ପ୍ରାୟ ୧୦୦ଟି ଚାରା ଲଗାଯାଇଛି। ଜିଲା ଦୌରା ଜଜ୍ ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲା ଜଜ୍ ରାଜେଶ ନାୟାର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର ଓ ଅନ୍ୟ ବିଚାରପତିମାନଙ୍କ ସହ ଜିଲା ଜଙ୍ଗଲ ଅଧିକାରୀ ଯୋଗଦେଇଥିଲେ। ବିଦ୍ୟାଳୟର ଆଇନ ସାକ୍ଷରତା କ୍ଲବ ଇନ୍‌ଚାର୍ଜ ପ୍ରତାପ ପଟ୍ଟନାୟକ ଛାତ୍ରୀଛାତ୍ରମାନଙ୍କୁ ନେଇ ଅଦାଲତ ପରିସରକୁ ଯାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୭।୭(ବି.ପ୍ର.)

ଜଣେ ଯୁବତୀଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତ ଜଳନ୍ଧର ହରିଜନଙ୍କୁ ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ସୂଚନାନୁଯାୟୀ, ୨୦୨୧ ଜାନୁୟାରୀ ୨୮ ରାତି ୯ଟାରେ ଯୁବତୀ ଜଣକ ଘର ପାଖ ପୋଖରୀରୁ ଶୌଚ ହୋଇ ଫେରିବାବେଳେ ହିର୍ଲି ଗାଁର ଜଳନ୍ଧର ଯୁବତୀଙ୍କ ପାଟିରେ ଗାମୁଛା ବାନ୍ଧି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଅଭିଯୁକ୍ତଙ୍କ ନାମରେ ଯୁବତୀ ଜଣକ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପାପଡ଼ାହାଣ୍ଡି ଥାନାରେ କେସ୍ ନମ୍ବର ୧୩/୨୧ରେ ଏକ ମାମଲା ରୁଜୁକରି ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। କୋର୍ଟ କେସ୍ ନମ୍ବର ୨୩/୨୧ ରୁଜୁକରି ମାମଲା ବିଚାରାଧୀନ ଥିଲା। ୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଓ ଦୌରା ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ‘ଦେଶର ସୁରକ୍ଷା ଆମ ଦାୟିତ୍ୱ ହେବା ଜରୁରୀ’

## ଅନକାଡେଲିରେ ବିଏସ୍‌ଏଫ୍‌ର ଘର୍ ଘର୍ କି ତ୍ରିରଙ୍ଗା କାର୍ଯ୍ୟକ୍ରମ

କୋରାପୁଟ/ଅନକାଡେଲି,୭।୭(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନକାଡେଲିସ୍ଥିତ ବିଏସ୍‌ଏଫ୍-୬୫ ବାଟାଲିଅନ ପକ୍ଷରୁ ଗୁରୁବାର ଘର୍ ଘର୍ କୀ ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯାଇଛି। ଭାରତୀୟ ଭାବେ ନିଜକୁ ଗର୍ବ କରିବା ସହ ନିଜ ଭିତରେ ଦେଶପ୍ରେମଭାବ ଜାଗ୍ରତ କରାଇବା ଲକ୍ଷ୍ୟ ନେଇ ଅନକାଡେଲିସ୍ଥିତ ବିଏସ୍‌ଏଫ୍-୬୫ ବାଟାଲିଅନର କମାଣ୍ଡାଣ୍ଟ ଡି. ଏସ୍ ମୀନାଙ୍କ ନେତୃତ୍ୱରେ ଯବାନମାନେ ଅନକାଡେଲି ହାଟ, ସ୍କୁଲ, ଅନକାଡେଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତ୍ରିରଙ୍ଗାର ମହତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଦେଶର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ସମସ୍ତ ଘରକୁ ଯାଇ ସେଠାରେ ପତାକା ଲଗାଯିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ୍ତର ବି. ବିନାୟକଙ୍କ ସମେତ ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ସଫଳ କରାଇଥିଲେ।



ଅନକାଡେଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯବାନ ଓ ଅନ୍ୟମାନେ।

# କୋରାପୁଟରେ ୨୨୭.୬୦ ମିମି ବର୍ଷା

କୋରାପୁଟ,୭।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଲଘୁଚାପଜନିତ ଝିପିଝିପି ବର୍ଷା ଲାଗି ରହିଛି। ଗୁରୁବାର ଜିଲାରେ ୨୨୭.୬୦ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲା ଅଧୀନ କୋଟପାଡ ବ୍ଲକରେ ସର୍ବାଧିକ ୫୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲମତାପୁଟ ବ୍ଲକରେ ୪୭.୪, ଜୟପୁର ବ୍ଲକରେ ୧୦.୪, କୁନ୍ଦ୍ରାରେ ୧୨.୪, କୋରାପୁଟରେ ୫.୪, ବୈପାରିଗୁଡାରେ ୧୮, ଲକ୍ଷ୍ମୀପୁରରେ ଓ ସେମିଳିଗୁଡାରେ ୧୧ମିମି, ବୋରିଗୁମ୍ମାରେ ୭.୬, ବନ୍ଧୁଗାଁରେ ୧୫, ନାରାୟଣପାଟଣାରେ ୨୧.୪, ନନ୍ଦପୁରରେ ୯ ଓ ପଟ୍ଟାଙ୍ଗୀ ବ୍ଲକରେ ୭ ମିମି ବର୍ଷା ହୋଇଛି। ଦଶମନ୍ତପୁର ବ୍ଲକରେ ଆଦୌ ବର୍ଷା ହୋଇ ନ ଥିବା ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ଜିଲାର ତେଲେଙ୍ଗୀର ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୨୩.୪୦ ମିଟରକୁ ବୃଦ୍ଧି ପାଇଥିବାବେଳେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୦.୩୩ ମିଟର ରହିଛି। ଅପରକୋଲାବ ଜଳଭଣ୍ଡାର ଜଳସ୍ତର ୮୪୫.୬୫ ମିଟରକୁ ବୃଦ୍ଧି ପାଇଥିବା ବିଭାଗ ପକ୍ଷରୁ ଜଣାଯାଇଛି।

# ଡାକ୍ତରଖାନାକୁ ୨ ଅକ୍ସିଜେନ କନ୍‌ସେନ୍‌ଟେଟର

ଦଶମନ୍ତପୁର, ୭।୭ ( ଡି. ଏନ୍. ଏ.)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ଜଣ ସମାଜିକ କର୍ମୀ ୨ଟି ଅକ୍ସିଜେନ କନ୍‌ସେନ୍‌ଟେଟର ପ୍ରଦାନ କରିଛନ୍ତି। ଦଶମନ୍ତପୁର ଭଳି ଉପାନ୍ତ ଅଞ୍ଚଳରେ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ଆଶିଷ କୁମାର ଖୁରା, କୋଇନ ଗରଡା ଏବଂ ସୁମନ ବିଶୋଇ ଏହାକୁ ଆଣିଛନ୍ତି। ବିଶାଖାପାଟଣା ସ୍ଥିତ ଚୈତନ୍ୟ ଲିଭର ଆଣ୍ଡ ଗାଷ୍ଟ୍ରୋ ସେଣ୍ଟର ଡାକ୍ତର କେ.ଚୈତନ୍ୟ ଏବଂ ଉଦିତ କୁମାର ଖୋସଲାଙ୍କୁ ସାକ୍ଷାତ କରି ସେଠାରୁ ଏହାକୁ ଆଣି ଦଶମନ୍ତପୁର ଡାକ୍ତର ଶ୍ରୀରାମ ପରିଡାଙ୍କୁ ପ୍ରଦାନ କରିଛନ୍ତି। ଦଶମନ୍ତପୁରର ଗୁରୁତର ରୋଗୀଙ୍କୁ ଏହାର ସୁଫଳ ମିଳିପାରିବ ବୋଲି ଆଶା କରାଯାଉଛି। ରାଜୁ ବାଘ, ସୁଜିତ ଖୋସଲା, ଧର୍ମେନ୍ଦ୍ର ଚେଟୀ, ସୁନୀଲ ଜାନି, ଭଗବାନ ଜାନିଙ୍କ ସମେତ ଅଞ୍ଚଳବାସୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଭୁବନେଶ୍ୱର ଚାଲାଣବେଳେ କାଠ ବୋଝେଇ ଟ୍ରକ୍ ଜବତ

## ୨ ଲକ୍ଷ ଟଙ୍କାର କାଠ ଜବତ, ଡ୍ରାଇଭର ଗିରଫ

କୋରାପୁଟ,୭।୭(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମନ୍ତ୍ରୀପୁଟ ଅଞ୍ଚଳରୁ ପାୟ ୨ ଲକ୍ଷ ଟଙ୍କାର ଆକାଶିଆ କାଠ ଭୁବନେଶ୍ୱର ଚୋରାଚାଲାଣ କରାଯାଉଥିବାବେଳେ ଲମତାପୁଟ ବନ ବିଭାଗ ତାହାକୁ ଜବତ କରିଛି। ବନ ବିଭାଗ ଗାଡ଼ିର ପିଛା କରି ଟ୍ରକ୍‌ଟିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିବା ଜଣାଯାଇଛି। କୋରାପୁଟ ବନଖଣ୍ଡ ଅଧିକାରୀ ଅମିତାରାଣୀ ରାୟଙ୍କ ନିର୍ଦ୍ଦେଶକ୍ରମେ ଲମତାପୁଟ ରେଞ୍ଜର ସୁରଜିତ ସାହୁଙ୍କ ନେତୃତ୍ୱରେ ଲମତାପୁଟ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ପୋଲିସ ସ୍ଥାନୀୟ ଆଶାକିରଣ ମେଡିକାଲ ନିକଟରେ ଜଗି ରହିଥିଲେ। ଲମତାପୁଟ ଆଡୁ ଏକ ଟ୍ରକ୍ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ରାସ୍ତାରେ ବ୍ୟାରିକେଡ କରିଥିଲା। ଟ୍ରକ ଡ୍ରାଇଭର ପୋଲିସକୁ ଦେଖି ବ୍ୟାରିକେଡ ଭାଙ୍ଗି ଦେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ଥିବା ବନ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ଟ୍ରକ୍ ଯାଞ୍ଚ କରିବାରୁ ସେଥିରୁ ପ୍ରାୟ ୮୦ଟି ଆକାଶିଆ କାଠ ଗଣ୍ଡି ମିଳିଥିଲା। ଏହି ଜବତ କାଠଗଣ୍ଡିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର କହିଛନ୍ତି।



ଜବତ କାଠ ବୋଝେଇ ଟ୍ରକ୍ ।

# ପିଲାର ଭିତରେ ବାଲି ବଦଳରେ ଭର୍ତ୍ତି ହେଉଛି ମାଟି

## ନୂତନ ବସ୍‌ଷ୍ଟାଣ୍ଡ ଆରମ୍ଭରୁ ଚାଲିଛି ନିମ୍ନମାନର କାମ

କୋଷାଗୁମୁଡ଼ା, ୭।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରେ ନୂତନ ବସ୍‌ଷ୍ଟାଣ୍ଡ ୧ କୋଟି ୮୩ ଲକ୍ଷ ଟଙ୍କାରେ ତିଆରି ଚାଲିଛି। ୨୪ଟି ପିଲାର ପାଇଁ ଗାତ ଖୋଳାଯିବା ସହ ଏବଂ ରୋଡ୍ କଂକ୍ରିଟ୍ କରାଯାଇଛି। କିନ୍ତୁ ସେହି ପିଲାର ହେଉଥିବା ଗାତରେ ବାଲି ଭର୍ତ୍ତି କରାଯିବା ବଦଳରେ ମେଶିନରେ ମାଟି ଭର୍ତ୍ତି କରାଯାଉଛି। ଏହାଦ୍ୱାରା ପିଲାର କେତେ ମଜଭୁତ ରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଲୋକେ ଜାଣିଯିବେ ବୋଲି ସନ୍ଧ୍ୟାରେ କାମ କରାଯାଉଛି। ଆରମ୍ଭରୁ ଏହିଭଳି କାର୍ଯ୍ୟ କରାଯାଏ ତା’ହେଲେ ଆଗକୁ କିପରି କାର୍ଯ୍ୟ ହେବ ତାହା ଜନସାଧାରଣେ ପ୍ରଶ୍ନ କରିଛନ୍ତି। ଏହି କାମର ସୂଚନା ଫଳକ ଲଗାଯାଇନାହିଁ। ଠିକାଦାର ଜଣକ କାମ ଠିକ୍ ଚାଲିଛି ବୋଲି ସଫେଇ ଦେଇଛନ୍ତି। ଏନେଇ ପୋଲିସ ହାଉସିଂ ବୋର୍ଡର ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ଅଫିସର ଗୋଲୋକ ପଲେଇଙ୍କୁ ପଚାରିବାରୁ ସେ କହିଲେ, ଗାତରେ ଯଦି ମାଟି ଭର୍ତ୍ତି କରାଯାଉଛି ତା’ହେଲେ ମାଟି ସବୁ ବାହାର କରାଯିବ, ପୁଣିଥରେ ବାଲି ଭର୍ତ୍ତି କରାଯିବ। ସୂଚନା ଫଳକ ତିଆରି ପାଇଁ ଦିଆଯାଇଛି,ଅତିଶୀଘ୍ର ଲଗାଯିବ ବୋଲି ସେ କହିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି ଯେ କାମ ତଦାରଖ କରାଯାଉନାହିଁ। ଉପରିସ୍ଥ ଅଧିକାରୀ କେବେ ଆସିବେ ଓ କେବେ ପିଲାର ଗାତ ଖୋଳି ତଦାରଖ କରିବେ। ସୂଚନା ଫଳକ ଲାଗି ନ ଥିବାରୁ କେତେ ଲକ୍ଷ ଟଙ୍କାର କାମ ଏବଂ କେତେ ଭାଗ ମାପରେ ସିମେଣ୍ଟ କଂକ୍ରିଟ କରାଯିବ ତାହା ଲୋକେ କେମିତି ଜାଣିବେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।



ନିର୍ମାଣ କାର୍ଯ୍ୟ ଚାଲିଛି ।

